# ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟର
# ଦ୍ୱାଦଶ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକର
# ବିବରଣୀ

ସ୍ଥାନ-ଦଣ୍ଡକାରଣ୍ୟ ସମ୍ମିଳନୀ କକ୍ଷ  ସମୟ- ଅପରାହ୍ନ ୫.୦୦ ଘଟିକା
ତାରିଖ-ତା-୨୦.୧୧.୨୦୧୧

ବୈଠକ ପ୍ରାରମ୍ଭରେ ଶ୍ରୀଯୁକ୍ତ ସଚିନ୍ ରାମଚନ୍ଦ୍ର ଯାଦବ୍ଙ୍କ, ଜିଲ୍ଲାପାଳ, କୋରାପୁଟ, ମାନ୍ୟବର ଅଧ୍ୟକ୍ଷ ଓ ଉପସ୍ଥିତ ଥିବା ସମସ୍ତ ସଦସ୍ୟ/ସଦସ୍ୟା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇ, ଅଧ୍ୟକ୍ଷ ଙ୍କୁ ବୈଠକ ପରିଚାଳନା କରିବା ନିମନ୍ତେ ଅନୁରୋଧ କରିଥିଲେ। ତତ୍‌ପରେ ମାନ୍ୟବର ସାଂସଦ, କୋରାପୁଟ (ଲୋକସଭା) ତଥା ଜିଲ୍ଲା ଭିଜିଲାନ୍ସ ଓ ମନିଟରିଂ କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଜୟରାମ ପାଙ୍ଗୀ ମହାଶୟ, ସଦସ୍ୟ/ସଦସ୍ୟା ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ସଭା କାର୍ଯ୍ୟରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କ ତାଲିକାଏଥି ସହ ପୃଥକ୍ ଭାବେ ପରିଶିଷ୍ଟ :କ: ରେ ସଂଲଗ୍ନ କରାଗଲା।

ଅଧ୍ୟକ୍ଷଙ୍କ ପରାମର୍ଶ କ୍ରମେ ଜିଲ୍ଲାପାଳ ମହୋଦୟ, ଭିଜିଲାନ୍ସ ଓ ମନିଟରିଂ କମିଟିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ସମ୍ୟକ୍ ଅଲୋଚନା କରଥିଲେ ଓ ତତ୍‌ପରେ ବୈଠକ କାର୍ଯ୍ୟସୂଚୀ ଅନୁଯାୟୀ ବିଶଦ୍ ଭାବରେ ଆଲୋଚନା କରିଥିଲେ।

## ୧. ବିଗତ ଭିଜିଲାନ୍ସ ଏବଂ ମନିଟରିଂ ବୈଠକର ବିବରଣୀ ଦୃଢୀକରଣ ସମ୍ବନ୍ଧେ।

ଗତ ତା ୦୭.୦୨.୨୦୧୧ ରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକର ବିବରଣୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ ଦପ୍ତରର ପତ୍ର ସଂଖ୍ୟା ୨୪୦୫ ତା ୦୪.୦୫.୨୦୧୧ ରିଖରେ ସମସ୍ତ ମାନ୍ୟବର ସଦସ୍ୟ/ସଦସ୍ୟାମାନଙ୍କ ଗୋଚରାର୍ଥେ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଥିଲା। ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ପ୍ରାପ୍ତି ହୋଇ ନଥିବାରୁ ସମ୍ପୃକ୍ତ ବିବରଣୀକୁ ଦୃଢୀକରଣ କରାଯାଇଥିଲା।

## ୨. ତା ୦୭.୦୨.୨୦୧୧ ରିଖ ବୈଠକର ବିବରଣୀର ଅନୁପାଳନ :-

ଗତ ବୈଠକର କାର୍ଯ୍ୟବିଧିର ଅନୁପାଳନ ବିବରଣୀ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳ ସେଚନ ବିଭାଗ, ଜୟପୁର ଓ ରାୟଗଡାଙ୍କ ବ୍ୟତୀତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟଙ୍କ ଠାରୁ ହସ୍ତଗତ ହୋଇଥିଲା ଏବଂ ସେ ସମସ୍ତ ମାନ୍ୟବର ସଦସ୍ୟ/ ସଦସ୍ୟା ମାନଙ୍କ ଅବଗତି ଓ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ନିମନ୍ତେ ଉପସ୍ଥାପନ କରାଯାଇଥିଲା।

## ୩. ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (NREGS) :-

ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କୋରାପୁଟ ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ୨୮୨୬୫୨ ପରିବାରକୁ ପଞ୍ଜିକୃତ କରାଯାଇ ୨୬୬୬୫୯ ପରିବାରଙ୍କୁ ଜବ୍ କାର୍ଡ ପ୍ରଦାନ କରାଯାଇଅଛି । ୨୦୧୧-୧୨ ଆର୍ଥିକ ବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କ ଠାରୁ ଟ. ୨୮୦୦.୦୦ ଲକ୍ଷ ଟଙ୍କା ଓ ରାଜ୍ୟ ସରକାରଙ୍କ ଠାରୁ ଟ. ୫୬୬.୬୬ ଲକ୍ଷ ଟଙ୍କା ଅନୁଦାନ ରାଶି ହସ୍ତଗତ ହୋଇଅଛି ଓ ଉକ୍ତ ଅନୁଦାନ ରାଶିରୁ ୬% ଆନୁସଙ୍ଗିକ ଖର୍ଚ୍ଚ ଟ. ୨୦୨.୦୦ ଲକ୍ଷ ଟଙ୍କା ବାଦ୍ ଦେଇ ଅବଶିଷ୍ଟ ଟ. ୩୧୬୪.୬୬ ଲକ୍ଷ ଟଙ୍କା ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ଖର୍ଚ୍ଚ କରିବା ପାଇଁ ପଞ୍ଚାୟତ ସମିତି ଓ ଲାଇନ୍ ବିଭାଗ ମାନଙ୍କୁ ସେମାନଙ୍କର ପୂର୍ବ ଖର୍ଚ୍ଚର ପରିମାଣକୁ ଅନୁଧ୍ୟାନ କରି ଆବଣ୍ଟନ କରାଯାଇଛି । ଏତଦ୍ ବ୍ୟତୀତ ଟ. ୧୦୦.୦୦ ଲକ୍ଷ ଟଙ୍କାକୁ ମାର୍ଗଦର୍ଶିକା ପୁସ୍ତିକାର ନିୟମାନୁଯାୟୀ ଡାକ ବିଭାଗର କର୍ପୋସ ଫଣ୍ଡରେ ରଖାଯାଇଛି । ୨୦୧୧-୧୨ ଆର୍ଥିକ ବର୍ଷରେ ୬୪୧୦.୦୦ ହେକ୍ଟର ଜମିରେ କାଜୁ, ୪୦.୦୦ ହେକ୍ଟର ଜମିରେ ନୂତନ କଫି ବୃକ୍ଷରୋପଣ, ୩୬୩୪.୬୩ ହେକ୍ଟର ଜମିରେ ମେଣ୍ଟନାନ୍ସ, ୧୦୦.୦୦ ହେକ୍ଟର ଜମିରେ ଆମ୍ବ ଓ ୨୦୬୧.୦୦ ହେକ୍ଟର ଜମିରେ ଅନ୍ୟାନ୍ୟ ବୃକ୍ଷ ରୋପଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଯାହାକି ମାନ୍ୟବର ସଦସ୍ୟ/ସଦସ୍ୟା ମାନଙ୍କ ଅନୁମୋଦନ ନିମନ୍ତେ ଗୃହରେ ଅନୁମୋଦନ ଦଆଯାଇଛି ।

ଆଲୋଚନା ମାଧ୍ୟମରେ ପ୍ରକାଶ ପାଇଥିଲା ଯେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୭ ଦିନ ମଧ୍ୟରେ ମଜୁରୀ ପୈଠ କରାଯିବାପାଇଁ କୁହାଯାଇଥିଲେ ମଧ୍ୟ ଏଥିରେ ବିଳମ୍ବ ପରିଲିଖିତ ହେଉଛି । ଯେଉଁଠି ବ୍ୟାଙ୍କ କାର୍ଯ୍ୟ କରୁଛି ସେଠି ଡାକ ଦ୍ୱାରା ଅର୍ଥ ଦିଆଯାଉନାହିଁ ଫଳରେ ୩-୪ ଥର ବ୍ୟାଙ୍କକୁ ଆସି ଫେରିବାକୁ ପଡୁଛି ଯାହାଦ୍ୱାରା ଅଯଥା ଖର୍ଚ୍ଚଭାର ବଢିଯାଉଛି । ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କଲେ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି ଗୃହରେ ପ୍ରକାଶ ପାଇଥିଲା । ଏହି ଜିଲ୍ଲାରେ ୯୦ ଗୋଟି ବ୍ୟାଙ୍କ କାର୍ଯ୍ୟରତ ଅଛି ଏବଂ ଶାଖା ଗୁଡିକରେ ଯଥେଷ୍ଟ କର୍ମଚାରୀ ନଥିବା ହେତୁ ଏପରି ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଜିଲ୍ଲାପାଳ ଗୃହରେ ସୂଚନା ଦେଇଥିଲେ । ମାତ୍ରନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯିବା ପାଇଁ ଜିଲ୍ଲାପାଳ ପ୍ରତିଶୃତି ପ୍ରଦାନ କରିଥିଲେ । ଯେଉଁଠି ଡାକଘର ଦ୍ୱାରା ଅର୍ଥ ପୈଠ କରାଯାଉଛି ସେଠାରେ ଯଥେଷ୍ଟ ଅର୍ଥ ଗଚ୍ଛିତ ନଥିବାରୁ ମୁଖ୍ୟ ଡାକଘରମାନଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ । ତେଣୁ ହିତାଧିକାରୀମାନେ ଗୋଟିଏ ଗୋଟିଏ ପାସବୁକ ସଞ୍ଚୟ ଖାତା ଖୋଲିଲେ ସେମାନଙ୍କ ନାମରେ ଅର୍ଥ ଜମାକରାଯିବ ଏବଂ ସୁବିଧା ଅନୁସାରେ ସେମାନେ ଆବଶ୍ୟକ ସମୟରେ ଅର୍ଥ ଉଠାଇ ପାରିବେ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## (୪) ଇନ୍ଦିରା ଆବାସ ଯୋଜନା (I.A.Y.):-

ଇନ୍ଦିରା ଆବାସ ଯୋଜନା କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ପରିଚାଳିତ ଏକ କାର୍ଯ୍ୟକ୍ରମ । କେନ୍ଦ୍ର ଓ ରାଜ୍ୟ ମାଧ୍ୟମରେ ୭୫:୨୫ ଅନୁପାତରେ ବ୍ୟୟ ଭାଗିଦାର ଭିତ୍ତିରେ ଏହା ପରିଚାଳିତ । ଚ଼ଳିତ ଆର୍ଥିକ ୨୦୧୧-୧୨ ବର୍ଷ ପାଇଁ ସରକାରଙ୍କ ଠାରୁ ମୋଟ ଟ. ୯୭୮.୧୮ ଲକ୍ଷ ଟଙ୍କା ଅନୁଦାନ ପ୍ରାପ୍ତ ହୋଇଅଛି ଏବଂ ଗତବର୍ଷର ବଳକା ଟଙ୍କା ୧୯୬.୭୮ ଲକ୍ଷ ଟଙ୍କା ସହିତ ସର୍ବ ମୋଟ ଟ. ୧୧୭୪.୯୬ ଲକ୍ଷ ଟଙ୍କା ମଧ୍ୟରୁ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲ୍ଲାରେ ଟ. ୪୭୭.୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ୧୦୨୧ ଗୋଟି ଗୃହର (ଗତ ବର୍ଷର ଅସଂପୂର୍ଣ୍ଣ ଗୃହ ସହିତ) ନିର୍ମାଣ ସଂପୂର୍ଣ୍ଣ ହୋଇ ଅଛି ।

୨୦୧୦-୧୧ ଆର୍ଥିକ ବର୍ଷଠାରୁ ଇନ୍ଦିରା ଆବାସ ଗୃହ ପ୍ରତି ୩୫,୦୦୦/- ଟଙ୍କା ପରିବର୍ତ୍ତେ ଟ. ୪୫,୦୦୦/- ଅନୁମୋଦନ କରିଛନ୍ତି ଏବଂ ଏହି ବର୍ଷ ପାଇଁ ମୋଟ ଟ.୨୫୦୧.୧୦ ଲକ୍ଷ ଖର୍ଚ୍ଚ କରାଯାଇ ୫୫୫୮ ଗୋଟି ଗୃହ ବଣ୍ଟନ କରାଯାଇଅଛି।

ଚଳିତ ବର୍ଷ ୨୦୧୧-୧୨ ଆର୍ଥିକ ବର୍ଷଠାରୁ ପ୍ରତି ଇନ୍ଦିରା ଆବାସ ଗୃହ ନିର୍ମାଣ କେନ୍ଦ୍ର ପାଇଁ ସରକାର ଟ.୪୫,୦୦୦/- ପରିବର୍ତ୍ତେ ଟ.୪୮,୫୦୦/- କୁ ବୃଦ୍ଧି କରିଛନ୍ତି ଏବଂ ୩୫୦୫ ଟି ଗୃହ ନିର୍ମାଣ ସକାଶେ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ସ୍ଥଳେ ସମସ୍ତ ଗୃହ ନିର୍ମାଣ ସମାପ୍ତ ହୋଇ ବଣ୍ଟନ ସରିଥିବାରୁ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ।

ସେହିପରି ମୋ କୁଡ଼ିଆ ଯୋଜନାରେ ୨୦୦୯-୧୦ ଆର୍ଥିକ ବର୍ଷ ପାଇଁ ୧୩୨୦ ଟି ଗୃହ ଲକ୍ଷ୍ୟ ଧାର୍ଯ୍ୟ ଥିବା ସ୍ଥଳେ କେବଳ ନାରାୟଣପାଟଣା ବ୍ଲକ ପାଇଁ ୧୦୦୦ ଟି ଗୃହ ଏବଂ ୩୨୦ ଟି ଗୃହ ଅନ୍ୟାନ୍ୟ ବ୍ଲକ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ସମସ୍ତ ଗୃହ ବଣ୍ଟନ କରାଯାଇଛି ଏବଂ ୨୦୧୦-୧୧ ବର୍ଷ ପାଇଁ ୩୦୦ ଗୋଟି ଗୃହ ଲକ୍ଷ୍ୟ ଧାର୍ଯ୍ୟ ଥିବା ସ୍ଥଳେ ସମସ୍ତ ଗୃହ ଆବଣ୍ଟନ କରାଯାଇଛି। ଏବଂ ୨୦୧୧-୧୨ ଆର୍ଥିକ ବର୍ଷ ପାଇଂ ୪୦୦ ଗୋଟି ଗୃହ ଲକ୍ଷ୍ୟ ଧାର୍ଯ୍ୟ ଥିବା ସ୍ଥଳେ ସମସ୍ତ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ବଣ୍ଟନ କରାଯାଇଥିବାରୁ ଏକ ସନ୍ତୋଷର ବାତାବରଣ ଖେଳିଯାଇଥିଲା।

## ୫. ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) :-

**(କ)** ଚଳିତ ଆର୍ଥିକ ୨୦୧୧-୧୨ ବର୍ଷ ପାଇଁ ଏହି ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶି ଟ. ୮୮୧.୮୧ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥି ମଧ୍ୟରୁ କେନ୍ଦ୍ର ସରକାରଙ୍କଠାରୁ ଟ. ୩୩୦.୬୬ ଲକ୍ଷ ଓ ରାଜ୍ୟ ସରକାରଙ୍କ ଠାରୁ ଟ. ୧୧୦.୨୨ ଲକ୍ଷ ଟଙ୍କା ପ୍ରାପ୍ତ ହୋଇଅଛି। ଏହାଛଡ଼ା ୨୦୧୦-୧୧ ମସିହାରେ ପ୍ରାପ୍ତ ଅନୁଦାନରୁ ଟ. ୧୦.୦୩ ଲକ୍ଷ ଟଙ୍କା ୦୧.୦୪.୨୦୧୧ ସୁଦ୍ଧା ବଳକା ରହିଥିଲା। ଏ ବର୍ଷର ଅନୁଦାନ ସହ ବଳକା ଟଙ୍କା ସହିତ ସର୍ବମୋଟ ଟ. ୪୫୦.୯୨ ଲକ୍ଷ ଟଙ୍କାରୁ ଅଦ୍ୟାବଧି ନିମ୍ନଲିଖିତ ବାବଦରେ ଅର୍ଥ ଖର୍ଚ୍ଚ କରାଯାଇଅଛି।

| | | | |
|---|---|---|---|
| ୧. ପଞ୍ଚାୟତି ରାଜ ବିଭାଗ - | **(ORMAS)** | ଟ. ୯.୦୦ | ଲକ୍ଷ ଟଙ୍କା |
| ୨. ରିହାତି ବାବଦରେ - | **(Subsidy)** | ଟ. ୧୩୩.୦୪ | ଲକ୍ଷ ଟଙ୍କା |
| ୩. ଆବର୍ତ୍ତନ ପାଣ୍ଠି - | **(Revolving Fund)** | ଟ. ୩୦.୯୩ | ଲକ୍ଷ ଟଙ୍କା |
| ୪. ଅନ୍ତ ନିର୍ମାଣ - | **(Infrastructure)** | ଟ. ୨୮.୩୦ | ଲକ୍ଷ ଟଙ୍କା |
| ୫. ତାଲିମ ବାବଦରେ - | **(Training)** | ଟ. ୩.୧୧ | ଲକ୍ଷ ଟଙ୍କା |
| | ମୋଟ | ଟ.୨୦୪.୩୮ | ଲକ୍ଷ ଟଙ୍କା |

**(ଖ)** ଚଳିତ ଆର୍ଥିକ ବର୍ଷ ୨୦୧୧-୧୨ ରେ ଏହି ଯୋଜନା ମାଧ୍ୟମରେ ୫୪୦୦ ଜଣ ସ୍ୱରୋଜଗାରୀଙ୍କୁ ୫୪୦ ଗୋଟି ସ୍ୱୟଂସହାୟକ ଗୋଷ୍ଠି ମାଧ୍ୟମରେ ଏବଂ ୬୯୬ ଜଣ ବ୍ୟକ୍ତି ବିଶେଷଙ୍କୁ ବ୍ୟକ୍ତିଗତ ଋଣ ଯୋଗାଇଦେବା ପାଇଁ ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅଦ୍ୟାବଧି ଏହି ଯୋଜନାରେ ଅକ୍ଟୋବର ମାସ ସୁଦ୍ଧା ୨୪୦ ଜଣ ହରିଜନ, ୫୭୪ ଜଣ ଆଦିବାସୀ ଓ ୬୬୯ ଜଣ ଅନ୍ୟାନ୍ୟ ବର୍ଗର ହିତାଧିକାରୀଙ୍କୁ ଋଣ ଓ ରିହାତି ଯୋଗାଇ ଦିଆଯାଇଛି। ଏଥି ମଧ୍ୟରୁ ମହିଳା ୧୩୯୫ ଜଣ, ସଂଖ୍ୟାଲଘୁ ସଂପ୍ରଦାୟର ୮୦ ଜଣ ଓ ଶାରିରୀକ ଭିନ୍ନକ୍ଷମଙ୍କ ମଧ୍ୟରୁ ୫ ଜଣ ଅନ୍ତର୍ଭୁକ୍ତ ଅଟନ୍ତି।

ଏହା ମାନ୍ୟବର ସଦସ୍ୟ/ସଦସ୍ୟାମାନଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା।

(୬) **କିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରଶାସନିକ ଯୋଜନା :-**

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ୨୦୧୧-୧୨ ଆର୍ଥିକ ବର୍ଷର ଅକ୍ଟୋବର ମାସ ଶେଷ ସୁଦ୍ଧା ମିଳିଥିବା ଅନୁଦାନ ଓ ଖର୍ଚ୍ଚର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| | |
|---|---|
| କ. ପୂର୍ବ ବର୍ଷର ବଳକା ଥିବା ଅନୁଦାନ | ଟ . ୧୦୯୧୬୬୯.୮୦ |
| ଖ. ୨୦୧୧-୧୨ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତ ହୋଇ ଥିବା ଅନୁଦାନ ରାଶି | ଟ. ୬୯୨୯୦୦୦.୦୦ |
| ଗ. ୨୦୧୧-୧୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ହୋଇ ଥିବା ଅନୁଦାନ ରାଶି | ଟ. ୨୩୦୯୦୦୦.୦୦ |
| ଘ. ଅନ୍ୟାନ୍ୟ ବାବଦରେ ପ୍ରାପ୍ତ | ଟ. ୩୪୦୧୮.୦୦ |
| ମୋଟ - | ଟ.୧୦୩୬୩୬୮୬.୮୦ |

ଅକ୍ଟୋବର ମାସ ଶେଷ ସୁଦ୍ଧା ଖର୍ଚ୍ଚ ହୋଇଥିବା ଅନୁଦାନର ବିଶଦ୍ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା

| | |
|---|---|
| କ. ଦରମା ଓ ଭତ୍ତା ବାବଦୀୟ ଖର୍ଚ୍ଚ | ଟ. ୬୨୮୯୬୦୬.୦୦ |
| ଖ. ଅନ୍ୟାନ୍ୟ କଣ୍ଟିଜେଣ୍ଟ୍ ବାବଦୀୟ ଖର୍ଚ୍ଚ | ଟ. ୨୧୫୫୩୬.୦୦ |
| ମୋଟ - | ଟ.୬୫୦୫୧୪୨.୦୦ |

୭. **ଜଳଛାୟା ପ୍ରକଳ୍ପ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ :-**

କୋରାପୁଟ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଜାତୀୟ ଜଳଛାୟା ଯୋଜନା ଅନୁକୁଲ୍ୟରେ ୨୨ ଗୋଟି ଗ୍ରାମରେ ୧୧ ଗୋଟି ଜଳଛାୟା ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ୨୦୧୧-୧୨ ଆର୍ଥିକ ବର୍ଷ ପାଇଁ ୩୧୪.୩୪ ଲକ୍ଷ ଟଙ୍କା ଅନୁଦାନ ଧାର୍ଯ୍ୟ ବେଳେ ମାତ୍ର ୨୧.୭୮ ଟଙ୍କା ବର୍ତ୍ତମାନ ସୁଦ୍ଧା ବିନିଯୋଗ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ଗୃହକୁ ସୂଚନା ଦେଇଥିଲେ । ଏହି ଅର୍ଥ ଶିଘ୍ର ଖର୍ଚ୍ଚ ହେବା ଆବଶ୍ୟକ ବୋଲି ଗୃହରେ ସଭ୍ୟ ମାନେ ମତ ପ୍ରକାଶ କରିଥିଲେ ।

ଉପ-ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ବିଭାଗ (କଫି) ପ୍ରେରଣ କରିଥିବା ତଥ୍ୟକୁ ମାନ୍ୟବର ସଦସ୍ୟ/ସଦସ୍ୟାମାନଙ୍କ ଆଲୋଚନା କରିଥିଲେ ଏବଂ କୋରାପୁଟ ଜିଲ୍ଲାରେ ବହୁଳ ଭାବରେ କଫି ଚାଷ ହେବା ସକାଶେ ଅନୁରୋଧ କରିଥିଲେ ।

୮. **ଗ୍ରାମ୍ୟ ନିର୍ମାଣ ବିଭାଗ :-**

କେନ୍ଦୁଗୁଡା ଠାରୁ ବି.ସିଂଙ୍ଗପୁର ରାସ୍ତାର ମରାମତି ଏବଂ ସ୍ୱର୍ଗତ ଚାଓଲା ଠକାଦାର କରି ଛାଡିଥିବା ଆଧାପନ୍ତରିଆ ରାସ୍ତାଗୁଡିକର ପୁନର୍ବାର ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

୯.   ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ :-

କେତେକ ସ୍କୁଲ ମାନଙ୍କରେ ନଳକୂପ ଅଚଳ ଅବସ୍ଥାରେ ରହିଥିବା ମାନ୍ୟବର ସଭ୍ୟ ମାନେ ଗୃହକୁ ଅବଗତ କରାଇଥିଲେ। ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ ଏହାର ନିରାକରଣ ହେଉନାହିଁ। ଫଳରେ ଛାତ୍ର/ଛାତ୍ରୀ ମାନେ ପାନୀୟ ଜଳ ପାଇବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି।

ନାରାୟଣପାଟଣା  ଝରଣାଜଳ ଯୋଗାଣ ଯୋଜନାଟି ୨୦ ଫୁଟ ଉଚ୍ଚରେ ହେବା ପରିବର୍ତ୍ତେ ୨୦ ଫୁଟ ନିମ୍ନ ଭାଗରେ କରାଯାଇଛି ଯାହାକି ଦୀର୍ଘ ୫ ବର୍ଷ ହେଲା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତାର କୌଣସି ପ୍ରତିକାର ହୋଇପାରୁନାହିଁ। ଏହା କିପରି କାର୍ଯ୍ୟକାରୀ ହୋଇପାରିବ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ମାନ୍ୟବର ସାଂସଦ, କୋରାପୁଟ ଖରାଦିନ ଆସିବା ପୂର୍ବରୁ ସମସ୍ତ ଅଚଳ ନଳକୂପ ଗୁଡିକୁ ମରାମତି କରି ସଚଳ କରିବା ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇଥିବା ନୂତନ ନଳକୂପ ଗୁଡିକର ଖନନ କାର୍ଯ୍ୟ ସମାପ୍ତ କରିବା ପାଇଁ ତଥା ଝରଣା ଜଳ ଯୋଗାଣ ପ୍ରକଳ୍ପ ଗୁଡିକୁ ସକ୍ରିୟ କରିବା କାର୍ଯ୍ୟରେ ତତ୍ପରତା ପ୍ରଦର୍ଶନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

୧୦. ଖଣ୍ଡୀୟ ବନାଧିକାରୀ ବିଭାଗ, କୋରାପୁଟ :-

ଦଶମନ୍ତପୁର ବ୍ଲକରେ ହାତୀ ଦ୍ୱାରା ଫସଲ ନଷ୍ଟ ହୋଇଥିବା ଅଞ୍ଚଳର ଚାଷୀମାନେ କ୍ଷତି ପୁରଣ ପାଇଁ ନଥିବା ବିଷୟ ଆଲୋଚିତ ହେଇଥିଲା। ଏଥି ପାଇଁ ବନଖଣ୍ଡ ଅଧିକାରୀ , କୋରାପୁଟ ଏକ ସର୍ବେକ୍ଷଣ କରି ତୁରନ୍ତ କ୍ଷତି ପୂରଣ ସହାୟତା ପ୍ରଦାନ ନିମନ୍ତେ ଗୃହରେ ପରାମର୍ଶ ଦିଆଯାଇଥିଲା।

୧୧. କ୍ଷୁଦ୍ର ଜଳ ସେଚନ ବିଭାଗ, କୋରାପୁଟ :-

ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳ ସେଚନ ବିଭାଗ ରାୟଗଡାଙ୍କ ତତ୍ତ୍ୱାବଧାନରେ କେତେକ ଚେକ୍ଡ୍ୟାମ ନିର୍ମାଣ ହେବା ପାଇଁ ପ୍ରସ୍ତାବ ଅଛି ସେଥିପାଇଁ ମାନ୍ୟବର ସଭ୍ୟ/ସଭ୍ୟା ମାନେ ପ୍ରସ୍ତାବ ପଠାଇବା ପାଇଁ ଅନୁରୋଧ ଜଣାଇଥିଲେ ।

୧୨. କୃଷି ବିଭାଗ, କୋରାପୁଟ :-

ଯେଉଁ ଯେଉଁ ବର୍ଷାଜଳ ଦ୍ୱାରା ପୃଷ୍ଟ ହେଉଥିବା ଶସ୍ୟ ଉତ୍ପାଦନ ହେଉଥିବା ଅଞ୍ଚଳମାନଙ୍କରେ କମ୍ ବୃଷ୍ଟିପାତ ଯୋଗୁଁ ଶସ୍ୟହାନି ହୋଇଛି ତାର ଏକ ସର୍ବେକ୍ଷଣ କରି ସରକାରଙ୍କୁ ତୁରନ୍ତ ବିବରଣୀ ପଠାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା, ଯେଉଁଥିରେ କି ସରକାର ମରୁଡି ଅଞ୍ଚଳ ଘୋଷଣା କରିବାରେ ସହାୟତା ହୋଇ ପାରିବ।

ଯେଉଁ ଅଞ୍ଚଳରେ ମରୁଡି ଅନୁଭୂତି ହୋଇଛି ଏବଂ ନଦୀ/ନାଳର ସୁବିଧା ରହିଛି ସେହି ଅଞ୍ଚଳ ଗୁଡିକର ଉଠା ଜଳସେଚନର ବ୍ୟବସ୍ଥା ଦ୍ୱାରା କୃଷି କ୍ଷେତ୍ରକୁ ଜଳ ଯୋଗାଇ ଚାଷକାମ ଆଗେଇ ନେବା ପାଇଁ ଗୃହରେ ନିଷ୍ପତ୍ତି ନିଆଯାଇଥିଲା।

୧୩. <u>ରାସ୍ତା ଓ କୋଠାବାଡି ବିଭାଗ, କୋରାପୁଟ :-</u>

କୁନ୍ଦୁଲି ଠାରୁ କୁଟିଆ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ ନିମିତ୍ତ ପଦକ୍ଷେପ ନେବା ପାଇଁ ମାନ୍ୟବର ସାଂସଦ ଗୃହକୁ ପ୍ରସ୍ତାବ ଦେଇଥିଲେ। ଏତଦ୍ ବ୍ୟତୀତ ଜୟପୁର ଠାରୁ ପେଟା ରାସ୍ତାକୁ ମରାମତି କରିବା ପାଇଁ ମଧ୍ୟ ଗୃହରେ ପ୍ରସ୍ତାବ ଦେଇଥିଲେ।

ସର୍ବଶେଷରେ ଜିଲ୍ଲାପାଳ ମହୋଦୟ ମାନ୍ୟବର ଅଧ୍ୟକ୍ଷ ସଦସ୍ୟ/ ସଦସ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

ଜୟରାମ ପାଙ୍ଗି 14/1/12
ଅଧ୍ୟକ୍ଷ
ଜିଲ୍ଲା ଭିଜିଲାନ୍ସ ଓ ମନିଟରିଂ କମିଟି,
କୋରାପୁଟ

ଜ୍ଞାପକ ସଂଖ୍ୟା -365/୨୦୧୧ XVI – 6 /2011 ତାରିଖ - 24.01.2012

ଏହାର ଏକକିତା ନକଲ ଉପ ଶାସନ ସଚିବ, ପଞ୍ଚାୟତି ରାଜ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ଗୋଚରାର୍ଥେ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ପ୍ରକଳ୍ପ ନିର୍ଦ୍ଦେଶକ,
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,
କୋରାପୁଟ।

ଜ୍ଞାପକ ସଂଖ୍ୟା - 366 / ୨୦୧୧ ତାରିଖ - 24.01.2012

ଏହାର ଏକକିତା ନକଲ ଜିଲ୍ଲା ଭିଜିଲାନ୍ସ ଓ ମନିଟରିଂ କମିଟିର ମାନ୍ୟବର ସମସ୍ତ ସଭ୍ୟଙ୍କ ଗୋଚରାର୍ଥେ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ଅନୁରୋଧ କରାଗଲା ଯେ, ଯଦି ଏହାର କୌଣସି ଆପତ୍ତି ବା ଅବିଯୋଗ ଥାଏ, ତାହାହେଲେ ଯଥାଶିଘ୍ର ଉକ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିବେ।

ଏହାର ଏକକିତା ନକଲ ବ୍ୟକ୍ତିଗତ ସହାୟକ, ଜିଲ୍ଲାପାଳ, କୋରାପୁଟ/ ସଭାପତି, ଜିଲ୍ଲା ପରିଷଦ, କୋରାପୁଟଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା।

ପ୍ରକଳ୍ପ ନିର୍ଦ୍ଦେଶକ,
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,
କୋରାପୁଟ।

ଜ୍ଞାପକ ସଂଖ୍ୟା - 367 / ୨୦୧୧ ତାରିଖ - 24.01.2012

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ, କୃଷି ଭବନ, ନୂଆ ଦିଲ୍ଲୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ପ୍ରକଳ୍ପ ନିର୍ଦ୍ଦେଶକ,
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,
କୋରାପୁଟ।

## ପରିଶିଷ୍ଟ :କ:

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟର ଦ୍ୱାଦଶ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟିରେ ଉପସ୍ଥିତ ଥିବା ସଭ୍ୟ /ସଭ୍ୟା ମାନଙ୍କ ତାଲିକା ।

ସ୍ଥାନ - ଦଣ୍ଡକାରଣ୍ୟ ସମ୍ମିଳନୀ କକ୍ଷ ତା. ୨୦.୧୧.୨୦୧୧

| କ୍ର.ନଂ. | ସଦସ୍ୟ / ସଦସ୍ୟାଙ୍କ ନାମ | ପଦବୀ |
|---|---|---|
| 1. | ଶ୍ରୀଯୁକ୍ତ ଜୟରାମ ପାଙ୍ଗୀ | ସାଂସଦ, କୋରାପୁଟ ଓ ଚେୟାରମ୍ୟାନ୍ |
| 2. | ଶ୍ରୀଯୁକ୍ତ ସଚିନ ରାମଚନ୍ଦ୍ର ଯାଦଵ | ଜିଲ୍ଲାପାଳ, କୋରାପୁଟ |
| 3. | ଶ୍ରୀଯୁକ୍ତ ଅଶୋକ କୁମାର ପାଙ୍ଗୀ | ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କୋରାପୁଟ |
| 4. | ଶ୍ରୀଯୁକ୍ତ ରଘୁରାମ ପଡାଲ | ବିଧାୟକ, କୋରାପୁଟ |
| 5. | ଶ୍ରୀଯୁକ୍ତ ଚୁଡ଼ାମଣି ସେଠ୍ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ । |
| 6. | ଶ୍ରୀଯୁକ୍ତ ବାବୁ ମହାରଣା | ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ । |
| 7. | Shri A.Periasamy, (IFS) | D.F.O. ,Koraput |
| 8. | ଶ୍ରୀଯୁକ୍ତ ଏନ୍.କେ.ତାଡ | ଉପ-ନିର୍ଦ୍ଦେଶିକା, ଉଦ୍ୟାନ ବିଭାଗ, କୋରାପୁଟ । |
| 9. | ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ପରିଡ଼ା | ସରକାରୀ ଯନ୍ତ୍ରୀ, ମୃତ୍ତିକା ସଂରକ୍ଷଣ ବିଭାଗ , କୋରାପୁଟ । |
| 10. | ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ନାୟକ | ମୃତ୍ତିକା ସଂରକ୍ଷଣ ଅଧିକାରୀ, କୋରାପୁଟ । |
| 11. | ଇଂ. ରଘୁନାଥ ମିଶ୍ର | ସହକାରୀ ଯନ୍ତ୍ରୀ, କ୍ଷୁଦ୍ର ଜଳ ସେଚନ ଉପ ବିଭାଜନ, କୋରାପୁଟ । |
| 12. | ଶ୍ରୀମତୀ ବାସନ୍ତି ହେମ୍ବ୍ରମ୍ | ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, କୋରାପୁଟ |
| 13. | ଶ୍ରୀଯୁକ୍ତ ହିମାଂଶୁ ଶେଖର ମଣ୍ଡଳ | ସରକାରୀ ଯନ୍ତ୍ରୀ, ରାସ୍ତା ଓ ଗୃହ ଉପ ବିଭାଜନ, ଜୟପୁର । |
| 14. | ଶ୍ରୀଯୁକ୍ତ ମହେଶ ପ୍ରସାଦ ପଟ୍ଟନାୟକ | ସହକାରୀ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳ ସେଚନ ଉପ ବିଭାଜନ, ଜୟପୁର । |
| 15. | ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପଣ୍ଡା | ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ବିଭାଜନ, କୋରାପୁଟ । |
| 16. | ଶ୍ରୀଯୁକ୍ତ ମନୋରଞ୍ଜନ ମାଳୀ | ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୋରାପୁଟ । |
| 17. | ଶ୍ରୀଯୁକ୍ତ ଏମ୍. ମୃତ୍ୟୁଞ୍ଜୟ ଆଚାରୀ | ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଜନ, ସୁନାବେଡା |
| 18. | ଶ୍ରୀଯୁକ୍ତ ଜଗନ୍ନାଥ ମୋହିନି | ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଜନ, କୋରାପୁଟ । |

| | | |
|---|---|---|
| 19. | Shri Dr. K.P.Behera | C.D.M.O.(REP), Koraput |
| 20. | ଶ୍ରୀଯୁକ୍ତ ଘନଶ୍ୟାମ ସେନାପତି | ଉପ ନିର୍ଦ୍ଦେଶକ, କଫି ଉନ୍ନୟନ, କୋରାପୁଟ। |
| 21. | ଶ୍ରୀଯୁକ୍ତ ରଘୁନାଥ ମୁଦୁଲି | ଅଧ୍ୟକ୍ଷ, ପଞ୍ଚାୟତ ସମିତି, ଲମତାପୁଟ |
| 22. | ଶ୍ରୀଯୁକ୍ତ ରୋବେଲ କାଡ଼ାମ | ଅଧ୍ୟକ୍ଷା, ପଞ୍ଚାୟତ ସମିତି, ସେମିଳିଗୁଡ଼ା |
| | | |